# ଗର୍ଭାବସ୍ଥା ର ବିପଦ ସଙ୍କେତ

## ଉପକ୍ରମ:

❖ ଅଧିକାଂଶ ମହିଳା ବିନା ସମସ୍ୟାରେ ନିଜର ଗର୍ଭାବସ୍ଥା ଅତିବାହିତ କରିଥାଆନ୍ତି । ଗର୍ଭାବସ୍ଥାର ସାଧାରଣ ବିବ୍ରତ କରୁଥିବା ଘଟଣାରେ ଅନ୍ତର୍ଭୁକ୍ତ ରହିଛି ଛାତିପୋଡା, ପିଠିରେ ଯନ୍ତ୍ରଣା, ସ୍ତନରେ ମୃଦୁ ଯନ୍ତ୍ରଣା ଓ ଫୁଲିବା ଏବଂ କ୍ଳାନ୍ତ ଅନୁଭବ ହେବା ।



❖ ତେବେ ଗର୍ଭାବସ୍ଥା ରେ ଏବଂ ପ୍ରସବ ସମୟରେ ହୁଏତ ଏମିତି ବି କିଛି ସମସ୍ୟା ଦେଖା ଦେଇପାରେ, ଯେଉଁ କାରଣରୁ ମା ଶିଶୁ ବା ଉଭୟଙ୍କ ଜୀବନ ଉପରେ ଉଭୟଙ୍କର ବିପଦ ଦେଖା ଦେଇପାରେ।

❖ ଯଦି ମହିଳା ମାନେ ନିୟମିତ ଭାବରେ ପ୍ରସବ ପୂର୍ବବର୍ତ୍ତୀ ଯାଞ୍ଚ ସବୁ କରାଉଥିବେ । ତେବେ କେତେକ ସମସ୍ୟା ବହୁତ ଶୀଘ୍ର ଚିହ୍ନଟ କରିବା ସମ୍ଭବପର ହୋଇ ପାରିଥାଏ ।

❖ ଏହି ବିପଦ ସଙ୍କେତ ଗୁଡ଼ିକୁ ଜାଣିବା ପରେ, ଜଣେ ଗର୍ଭବତୀ ମହିଳାଙ୍କୁ କେଉଁ କେଉଁ ସମୟରେ ସ୍ୱତନ୍ତ୍ର ଯତ୍ନର ଆବଶ୍ୟକ ପଡ଼ିପାରେ, ସେ ବିଷୟରେ ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ଠାରୁ ବୁଝି ତାଙ୍କୁ ପ୍ରସ୍ତୁତ କରି ରଖି ପାରିବେ ।

❖ ଯଦି ଠିକ୍ ସମୟରେ ଉପଚାର ବା ଚିକିତ୍ସା ନ ମିଳିଲା, ତେବେ ମହିଳା ବା ଶିଶୁ ବା ଉଭୟଙ୍କୁ ମୃତ୍ୟୁ ବା ସଂପୂର୍ଣ୍ଣ ଶାରିରୀକ ଅକ୍ଷମତା ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

❖ ବିପଦ ସଙ୍କେତ ଗୁଡ଼ିକ ଥିବା ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ପରାମର୍ଶ ପାଇଁ ଫିଲଡ୍ ରେଫରାଲ ୟୁନିଟ୍/ଡାକ୍ତରଖାନାକୁ ନିଆଯିବା ଦରକାର ।

### *ଗର୍ଭାବସ୍ଥା ସମୟରେ ବିପଦ ଆଶଙ୍କା କାରଣ*

• • •

- ଗେଡ଼ା ବା କମ୍ଉଚ୍ଚତା ବିଶିଷ୍ଟ ମହିଳା (145 ସେଣ୍ଟିମିଟର ବା 4 ଫୁଟ 10 ଇଞ୍ଚିରୁ କମ୍
- ବୟସ 18 ରୁ କମ୍ ବା 35ରୁ ଅଧିକ ।
- ହୃଦରୋଗ, ଡାଇବେଟିସ, ଟିବି, ମେଲେରିଆ, ଆନିମିଆ ଏବଂ ସେହି ପରି ଅନ୍ୟ କିଛି ପ୍ରକାରର ଡାକ୍ତରୀ ସମସ୍ୟାର ଇତିହାସ ଥିବା ସ୍ଥଳେ ।
- ପ୍ରଥମ ତିନିମାସ ବେଳକୁ ଓଜନ 38 କି.ଗ୍ରା. ରୁ କମ୍ ରହିବା
- ପୂର୍ବଥରର ଗର୍ଭ ବେଳେ ସମସ୍ୟା ଥିବା (ଖରାପ ଗର୍ଭଧାରଣ ସମସ୍ୟା ବା ପୂର୍ବଥର ଅସ୍ତ୍ରୋପଚାର ସମ୍ବନ୍ଧୀୟ ସମସ୍ୟା)
- ଗର୍ଭାବସ୍ଥାରେ ମେଲେରିଆ ହେବା ।
- ଗର୍ଭରେ ପିଲାର ଚଳନ ମନ୍ଥର/ମୋଟେ ନ ହେବା
- ବର୍ତ୍ତମାନର ଗର୍ଭଧାରଣ ସମୟରେ ସମସ୍ୟା ଯେମିତିକି:
  - ଗର୍ଭାବସ୍ଥାର ଯେ କୌଣସି ମସୟରେ ରକ୍ତ ବାହାରିବା
  - ଅସ୍ୱାଭାବିକ ଢଙ୍ଗରେ ଦେଖାଯିବା
  - ଗର୍ଭାବସ୍ଥା ଯୋଗୁଁ ହାଇପରଟେନଶନ୍ ଦେଖାଦେବା
  - ଅତି ସାଂଘାତିକ ଆନିମିଆ
  - ଯାଆଁଳା, ବା ଉପରେ ବଢିରହିଥିବା ଗର୍ଭାଶୟ

## ବିପଦ ସଙ୍କେତ:

| | |
|---|---|
| **ଗର୍ଭାବସ୍ଥା ବା ପ୍ରସବ ସମୟରେ ରକ୍ତ ବାହାରିବା:**<br>• ଗର୍ଭାବସ୍ଥା ରେ କୌଣସି ପ୍ରକାରରେ ରକ୍ତ ବାହାରିବା ଅଥବା ପ୍ରସବ ସମୟରେ/ ପ୍ରସବ ପରେ ପ୍ରଚୁର ପରିମାଣେ ରକ୍ତ ବାହାରିବା ଉଭୟ ମା' ଶିଶୁ ବା ମା' ପାଇଁ ମରଣାତ୍ମକ ହୋଇପାରେ ।<br>• ମହିଳାଙ୍କୁ ଏମିତି ସ୍ଥିତିରେ ତୁରନ୍ତ ଡାକ୍ତରଖାନା କୁ ନିଆଯିବା ଦରକାର । |  |
| **ନିଶ୍ୱାସ ନେବାରେ କଷ୍ଟଥାଇ ବା ନଥାଇ ରକ୍ତହୀନତା:**<br>• ଅତି ସାଂଘାତିକ ଭାବରେ ରକ୍ତହୀନତାର ଶିକାର ହୋଇଥିବା ମହିଳାମାନଙ୍କର ଆଖିପତା, ନଖ ଓ ପାପୁଲି ହଳଦିଆ ପଡ଼ିଯାଇ ହୁଏତ ନିଶ୍ୱାସ ନେବାରେ କଷ୍ଟ ହେବା ଲକ୍ଷଣ ଥାଏ ବା ନଥାଏ ।<br>• ଏହା ଆହୁରି ବହୁତ ପ୍ରକାରର ଜଟିଳତାର କାରଣ ହୋଇଥାଏ ଯେମିତିକି ପ୍ରସବ ସମୟରେ ହୃତପିଣ୍ଡ ବା ହାର୍ଟ କାମ ନକରିବା, ସମୟ ପୂର୍ବରୁ ପ୍ରସବ ବେଦନା ଏବଂ ଗର୍ଭାବସ୍ଥା ବେଳେ ବହୁ ପ୍ରକାରର ସଂକ୍ରମଣ ଦେଖା ଦେବା<br>• ଅତି ସାଂଘାତିକ ରକ୍ତହୀନତାର ଶୀକାର ମହିଳାଙ୍କର ପ୍ରସବ ଡାକ୍ତରଖାନାରେ ହିଁ କରାଯିବା ଦରକାର । |  |
| **ଗର୍ଭାବସ୍ଥାରେ ଅଥବା ପ୍ରସବର ଗୋଟିଏ ମାସ ଭିତରେ ବହୁତ ଜୋର୍‌ରେ ଜ୍ୱର ହେବା:**<br>• ଏମିତି ପରିସ୍ଥିତି ରେ ତାଙ୍କୁ ଯେତେ ଶୀଘ୍ର ସମ୍ଭବ ଡାକ୍ତରଖାନାକୁ ନେଇଯିବା ଦରକାର ।<br>• ଅଧିକ ଜ୍ୱର ହେବା, ମହିଳାଙ୍କ ଠାରେ କୌଣସି ସଂକ୍ରମଣର ସଙ୍କେତ ହୋଇପାରେ । ଏହା ପେଟରେ ବଢୁଥିବା ଶିଶୁ ପାଇଁ ମଧ୍ୟ ହାନିକାରକ ହୋଇପାରେ ।<br>• ମହିଳାଙ୍କୁ ନେବା ଆଣିବା କରିବା ସମୟରେ ଭଲକରି ଘୋଡ଼େଇ ରଖି ଉଷୁମ ରଖିବା ଦରକାର<br>• ଜ୍ୱରର ମାତ୍ରା କମ୍ କରାଇବା ପାଇଁ ଓଦା କନା ର ପଟି, ବା ପୋଛାପୋଛି ଟିକିଏ କରିଦେବା ନିହାତି ଜରୁରୀ । |  |
| **କଂପ ଆସିବା ଫିଟ୍‌ସ ମାରିବା, ଆଖିକୁ ସ୍ପଷ୍ଟ ଦେଖା ନଯିବା, ମୁଣ୍ଡବ୍ୟଥା ପାଦ ଗୁଡ଼ିକ ହଠାତ୍ ଫୁଲିଯିବା ପରି ସମସ୍ୟା ଦେଖାଯିବା:**<br>• ଏମିତି ପରିସ୍ଥିତି ମସ୍ତିଷ୍କ କୁ କ୍ଷତି ପହଞ୍ଚାଇ ପାରେ ମା ଦେଖାଯିବା ତଥା ଜନ୍ମ ନହୋଇଥିବା ଶିଶୁ ର ମଧ୍ୟ ମୃତ୍ୟୁ ହୋଇଯାଇ ପାରେ ।<br>• ଏମିତି ପରିସ୍ଥିତି ତାଙ୍କୁ ଯେତେ ଶୀଘ୍ର ସମ୍ଭବ ଡାକ୍ତରଖାନାକୁ ନେଇଯିବା ଦରକାର । |  |
| **12 ଘଣ୍ଟାରୁ ଅଧିକ ସମୟର ପ୍ରସବ ବେଦନା:**<br>• ମହିଳାଙ୍କୁ ତୁରନ୍ତ ଡାକ୍ତରଖାନା କୁ ନିଆଯିବା ଉଚିତ୍ ।<br>• ମହିଳା ଜଣେ ଡାକ୍ତରଙ୍କ ଉପସ୍ଥିତିରେ ପ୍ରସବ କରିବା ଉଚିତ୍ । |  |
| **ବିନା ପ୍ରସବ ବେଦନାରେ ଜଳମୁଣା ଫାଟିଯିବା:**<br>• ଯଦି ଜଳମୁଣା ଫାଟିଯାଏ ଉଭୟ ମହିଳା ଓ ଶିଶୁ ଙ୍କୁ ସଂକ୍ରମଣରେ ଆକ୍ରାନ୍ତ ହେବାର ସମ୍ଭାବନା ବଢିଯାଏ ।<br>• ମହିଳାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯିବା ଦରକାର ।<br>• ମହିଳାଙ୍କର ପ୍ରସବ ଜଣେ ଡାକ୍ତରଙ୍କର ଉପସ୍ଥିତିରେ କରାଇବା ଉଚିତ୍ । |  |